# NATIONAL NEWS BULLETIN (ODIA)

## 3 November - 2025

## Evening Bulletin : 7.15 p.m.

**********************************

## <u>ମୁଖ୍ୟ ସମ୍ବାଦ</u>

- ନିଶାମୁକ୍ତ ଅଭିଯାନରେ ସାମିଲ ହେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଲେ ଉପରାଷ୍ଟ୍ରପତି ।
- ବିହାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ସନ୍ଧ୍ୟାରେ ଶେଷ ହେବ ପ୍ରଚାର ।
- କାତାରର ଦୋହାଠାରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଦ୍ୱିତୀୟ ବିଶ୍ୱ ସାମାଜିକ ବିକାଶ ସମ୍ମିଳନୀ ।
- ରୁଷ ସହାୟତାରେ ୮ଟି ନୂତନ ପରମାଣୁ ଶକ୍ତି କେନ୍ଦ୍ର ନିର୍ମାଣ ନେଇ ଇରାନ୍‌ର ଘୋଷଣା ।

ଏବଂ

- ହକି କ୍ରୀଡ଼ାର ଶତବାର୍ଷିକୀ ପାଳନ ଅବସରରେ ଆସନ୍ତା ୭ ତାରିଖରେ ଦେଶରେ ଆୟୋଜିତ ହେବ ବିଭିନ୍ନ କାର୍ଯ୍ୟକ୍ରମ, କହିଲେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ।

# ଭିପି-କେରଳା ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଜି କେରଳ ଗସ୍ତରେ ଯାଇ କୋଲାମ୍ ସ୍ଥିତ ଫତିମାମାତା ନ୍ୟାସନାଲ୍ କଲେଜ୍‌ର ହୀରକ ଜୟନ୍ତୀ ସମାରୋହରେ ଯୋଗଦେଇଛନ୍ତି । ଏହି ଅବସରରେ ଉପରାଷ୍ଟ୍ରପତି ଛାତ୍ରଛାତ୍ରୀମାନଙ୍କୁ ଭେଟି ନିଶା ବିରୋଧି ଲଢ଼େଇରେ ଏକଜୁଟ୍ ହେବାକୁ ପରାମର୍ଶ ଦେଇଛନ୍ତି । ଶୃଙ୍ଖଳିତ ଜୀବନଯାପନ ଏବଂ ପ୍ରତ୍ୟେକ ପଦକ୍ଷେପରେ ଆତ୍ମସଂଯମତା ପାଳନ କରିବାକୁ ଶ୍ରୀ ରାଧାକ୍ରିଷ୍ଣନ୍ ଛାତ୍ରଛାତ୍ରୀମାନଙ୍କୁ କହିଛନ୍ତି । ଆମେ ଉପଭୋଗ କରୁଥିବା ସ୍ୱାଧୀନତା ଅପପ୍ରୟୋଗ ନ କରିବାକୁ ବିଦ୍ୟାର୍ଥୀମାନଙ୍କୁ ସ୍ମରଣ କରାଇ ପ୍ରଧାନମନ୍ତ୍ରୀଙ୍କର ୨୦୪୭ ବିକଶିତ ଭାରତ ଦୃଷ୍ଟିଭଙ୍ଗୀକୁ ଉଦ୍ଧାର କରି ଉପରାଷ୍ଟ୍ରପତି କହିଛନ୍ତି, ଫତିମାମାତା ନ୍ୟାସନାଲ୍ କଲେଜ୍ ବିକଶିତ ଭାରତ ୨୦୪୭ର ତିନି ବର୍ଷ ପରେ ତାର ଶତବାର୍ଷିକୀ ପାଳନ କରିବ । କେରଳ ଦେଶର ଶିକ୍ଷା କ୍ଷେତ୍ରକୁ ଦେଇଥିବା ଉଲ୍ଲେଖନୀୟ ଭୂମିକା ପାଇଁ ଉପରାଷ୍ଟ୍ରପତି ବେଶ୍ ପ୍ରଶଂସା କରିଛନ୍ତି ।

# ବିହାର୍-କ୍ୟାମ୍ପେନିଂ

ବିହାରରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତା ୬ ତାରିଖରେ ମତଗ୍ରହଣ କରାଯିବ । ଏଥିପାଇଁ ପ୍ରଚାର କାର୍ଯ୍ୟ ଜୋର୍‌ଦାର ହୋଇଛି । ଏନ୍.ଡି.ଏ. ଏବଂ ମହାଗଠ ବନ୍ଧନର ଷ୍ଟାର୍ ପ୍ରଚାରକ ତଥା ଅନ୍ୟାନ୍ୟ ପ୍ରାର୍ଥୀଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରଚାର କାର୍ଯ୍ୟ ଚାଲିଛି । ଏହି ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହେଉଛି ।

କଟିହାର୍‌ରେ ଏକ ଜନସମାବେଶକୁ ସମ୍ବୋଧନ କରି ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ନିତିଶ କୁମାରଙ୍କ ନେତୃତ୍ୱରେ ଏନ୍.ଡି.ଏ.ରେ ବିହାରରେ ସୁ-ଶାସନ ପ୍ରଦାନ କରିଛି ଏବଂ ରାଜ୍ୟ ବିକାଶର ପଥରେ ଅଗ୍ରଗତି କରିଛି ।

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏନ୍.ଡି.ଏ. ପ୍ରାର୍ଥୀଙ୍କ ସପକ୍ଷରେ ସେଓହର୍ ଏବଂ ସୀତାମାଢ଼ିରେ ଜନସମାବେଶକୁ ସମ୍ବୋଧନ କରିଛନ୍ତି । ବିଜେପିର ଅନ୍ୟତମ ଷ୍ଟାର୍ ପ୍ରଚାରକ ତଥା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଆଜି କେତୋଟି ନିର୍ବାଚନ ସଭାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି ।

ସେହିଭଳି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ଦଳର ମହାସଚିବ ପ୍ରିୟଙ୍କା ଗାନ୍ଧି ଭଦ୍ରା, ରାଷ୍ଟ୍ରୀୟ ଜନତା ଦଳ ନେତା ତେଜସ୍ୱୀ

ଯାଦବ ଏବଂ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ମହାଗଠବନ୍ଧନ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟରେ ସାମିଲ ହୋଇଥିଲେ ।

## ରାଜସ୍ଥାନ-ଆକ୍ସିଡେଣ୍ଟ

ରାଜସ୍ଥାନର ଜୟପୁରରେ ଆଜି ଏକ ସଡ଼କ ଦୁର୍ଘଟଣାରେ ୧୪ ଜଣଙ୍କର ମୃତ୍ୟୁ ହୋଇଛି । ୫ ଜଣ ଗୁରୁତ ଆହତଙ୍କୁ ଜୟପୁର ଏସ୍.ଏମ୍.ଏସ୍. ହସ୍ପିଟାଲ୍‌ରେ ଚକିତ୍ସା କରାଯାଉଛି । ଶିକର ରୋଡ୍‌ରେ ଏକ ଦ୍ରୁତଗାମୀ ଟ୍ରକ୍ ନିୟନ୍ତ୍ରଣ ହରାଇ କାର୍ ଏବଂ ଦୁଇ ଚକିଆ ଯାନ ସମେତ ବିଭିନ୍ନ ଗାଡ଼ିକୁ ଧକ୍କା ଦେଇଥିଲା । ଫଳରେ ଏହି ଦୁର୍ଘଟଣା ଘଟିଛି । ଟ୍ରକ୍‌ର ଡ୍ରାଇଭର୍ ମଦ୍ୟପାନ କରିଥିବା ଜଣାପଡ଼ିଛି । ପୁଲିସ୍ ଡ୍ରାଇଭର୍‌ଙ୍କୁ ଗିରଫ୍ କରିଛି । ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଏହି ଦୁର୍ଘଟଣା ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି । ଦୁର୍ଘଟଣାର କାରଣ ନିର୍ଣ୍ଣୟ ପାଇଁ ତଦନ୍ତ ଆରମ୍ଭ ହୋଇଛି । ରାଜ୍ୟରେ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣାର ସ୍ଥିତି ସମୀକ୍ଷା ନେଇ ମୁଖ୍ୟମନ୍ତ୍ରୀ ଆଜି ସନ୍ଧ୍ୟାରେ ଏକ ଉଚ୍ଚସ୍ତରୀୟ ବୈଠକ ଡାକିଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁର୍ଘଟଣା ପାଇଁ ଗଭୀର ଶୋକ ପ୍ରକାଶ କରିଛନ୍ତି । ପୃଥକ ପୃଥକ  ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେମାନେ

ମୃତକଙ୍କ ନିକଟ ସମ୍ପର୍କୀଙ୍କୁ ସମବେଦନା ଜ୍ଞାପନ କରିବା ସହ ଆହତଙ୍କର ଆଶୁ ଆରୋଗ୍ୟକାମନା କରିଛନ୍ତି । ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତ ରାଶି ଶ୍ରୀ ମୋଦୀ ଘୋଷଣା କରିଛନ୍ତି ।

## ମାଣ୍ଡବ୍ୟ-ଦୋହା ସମିଟ୍

କାତାରର ଦୋହାଠାରେ ଆସନ୍ତାକାଲିଠାରୁ ଦ୍ୱିତୀୟ ବିଶ୍ୱ ସାମାଜିକ ବିକାଶ ସମ୍ମିଳନୀ ଡବ୍ଲ୍ୟୁ.ଏସ୍.ଏସ୍.ଡି.-୨ ଆରମ୍ଭ ହେବ । କ୍ରୀଡ଼ା ଓ ଯୁବବ୍ୟାପାର, ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧି ମଣ୍ଡଳୀ ଏହି ସମ୍ମିଳନୀରେ ଯୋଗଦେବେ । ଆନ୍ତର୍ଜାତିକ ଶ୍ରମ ସଂଗଠନର ମନ୍ତ୍ରୀସ୍ତରୀୟ ଆଲୋଚନାଚକ୍ରରେ ଡକ୍ଟର ମାଣ୍ଡବ୍ୟ ଅଂଶଗ୍ରହଣ କରିବେ । ଶ୍ରମଶକ୍ତି କ୍ଷେତ୍ରରେ ଭାରତର ଅନ୍ତର୍ଭୁକ୍ତି ଏବଂ ସମାନ ଅଭିବୃଦ୍ଧିର ଦୃଷ୍ଟିକୋଣକୁ ଡକ୍ଟର ମାଣ୍ଡବ୍ୟ ଏହି ସମ୍ମିଳନୀରେ ଉପସ୍ଥାପନ କରିବାର ଆଶା କରାଯାଉଛି । ଗସ୍ତ ଅବସରରେ ଡକ୍ଟର ମାଣ୍ଡବ୍ୟ କାତାର, ରୋମାନିଆ,

ମରିସସ୍ ଏବଂ ୟୁରୋପୀୟ ସଂଘର ପ୍ରତିପକ୍ଷଙ୍କ ସହିତ ଆଲୋଚନା ବୈଠକରେ ଯୋଗଦେବେ । ଆନ୍ତର୍ଜାତିକ ଶ୍ରମ ସଂଗଠନର ମହାନିର୍ଦ୍ଦେଶକ ଏବଂ ଜାତିସଂଘର ବରିଷ୍ଠ ଅଧିକାରୀଙ୍କ ସହିତ ଦ୍ୱିପାକ୍ଷିକ ବୈଠକରେ ଡକ୍ଟର ମାଣ୍ଡବ୍ୟ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏହି ସମ୍ମିଳନୀ ଆସନ୍ତା ୬ ତାରିଖରେ ଉଦ୍‌ଯାପିତ ହେବ ।

## ଇରାନ୍ ନ୍ୟୁକ୍ଲିୟର୍ ପ୍ଲାଣ୍ଟ

ରୁଷ ସହାୟତାରେ ୮ଟି ନୂତନ ପରମାଣୁ ଶକ୍ତି କେନ୍ଦ୍ର ନିର୍ମାଣ କରିବା ନେଇ ଯୋଜନା ସମ୍ପର୍କରେ ଇରାନ୍ ସରକାର ଘୋଷଣା କରିଛନ୍ତି । ଇରାନ୍‌ର ପରମାଣୁ ଶକ୍ତି ସଂଗଠନର ମୁଖ୍ୟ ମହମ୍ମଦ ଇସଲାମି କହିଛନ୍ତି, ଦେଶର ସ୍ୱଚ୍ଛ ଏବଂ ନିରନ୍ତର ଶକ୍ତି ଉତ୍ପାଦନକୁ ବ୍ୟାପକ କରିବା ଲକ୍ଷ୍ୟ ନେଇ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ବୁଶେହର୍‌ରେ ଚାରୋଟି ପରମାଣୁ ଶକ୍ତି କେନ୍ଦ୍ର ଏବଂ ଏହାର ଉତ୍ତର ଓ ଦକ୍ଷିଣ ଉପକୂଳରେ ଅନ୍ୟ ଚାରୋଟି କେନ୍ଦ୍ର ନିର୍ମାଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଦେଶର ଉତ୍ତରାଞ୍ଚଳର ଗୋଲସ୍ତାନରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇସାରିଥିବା ବେଳେ ଖୁଜେସ୍ତାନ ପ୍ରଦେଶରେ ଖୁବ୍ ଶୀଘ୍ର ପରମାଣୁ ଶକ୍ତି କେନ୍ଦ୍ର କାର୍ଯ୍ୟ ସମ୍ପନ୍ନ ହେବ ବୋଲି ସେ କହିଛନ୍ତି ।

ନୂତନ ପ୍ରକଳ୍ପ ଗୁଡ଼ିକ ଦେଶର ପରମାଣୁ ବିଦ୍ୟୁତ୍ ଉତ୍ପାଦନକୁ ୨୦ ହଜାର ମେଗାୱାଟ୍‌କୁ ବୃଦ୍ଧି କରିବ ବୋଲି ସେ କହିଛନ୍ତି । ଇରାନ୍ ରାଷ୍ଟ୍ରପତି ମାସୁଦ ପେଜେସ୍କିୟାନ୍ କହିଛନ୍ତି, ଇରାନ୍‌ର ପରମାଣୁ କାର୍ଯ୍ୟକ୍ରମ ଶାନ୍ତି ଉଦ୍ଦେଶ୍ୟରେ ପ୍ରେରିତ । ଅସ୍ତ୍ରଶସ୍ତ୍ର ବିକାଶ କରିବା ଇରାନ୍ ପରମାଣୁ କାର୍ଯ୍ୟକ୍ରମର ଅଂଶବିଶେଷ ନୁହେଁ ବୋଲି ସେ ଘୋଷଣା କରିଛନ୍ତି । ଇସ୍ରାଏଲ୍ ଗତ ଜୁନ୍ ମାସରେ ଇରାନ୍‌ର ପ୍ରମୁଖ ପରମାଣୁ ପ୍ରତିଷ୍ଠାନ ଗୁଡ଼ିକୁ ଲକ୍ଷ୍ୟ କରି ଆକାଶମାର୍ଗରୁ ଆକ୍ରମଣ କରିବାର କିଛି ମାସ ପରେ ଇରାନ୍ ପକ୍ଷରୁ ପରମାଣୁ ଶକ୍ତି କେନ୍ଦ୍ର ନିର୍ମାଣ ସମ୍ପର୍କିତ ଯୋଜନା ନେଇ ଘୋଷଣା କରାଯାଇଛି ।

## ଭାଲେନ୍‌ସିଆ-ପ୍ରେଜ୍ ରିଜାଇନ୍ସ

ଭାଲେନ୍‌ସିଆର ରାଷ୍ଟ୍ରପତି କାର୍ଲୋସ୍ ମାଜନ୍ ନିଜ ପଦବୀରୁ ଇସ୍ତଫା ଦେବାକୁ ଘୋଷଣା କରିଛନ୍ତି । ମାତ୍ରାଧିକ ରାଜନୈତିକ ଚାପ ଏବଂ ପ୍ରବଳ ଜନଆନ୍ଦୋଳନ ହେତୁ ସେ ଏହି ନିଷ୍ପତ୍ତି ନେଇଥିବା ଜଣାଯାଇଛି ।

ସୂଚନା ଯୋଗ୍ୟ ୨୦୨୪ ମସିହାରେ ସ୍ଥାନୀୟ ଅଞ୍ଚଳରେ ସଂଗଠିତ ଏକ ପ୍ରଳୟଙ୍କରୀ ବନ୍ୟା ହେତୁ ୨୨୯ ଜଣଙ୍କର ପ୍ରାଣହାନୀ ଘଟିବା ସହ

ଅପୂରଣୀୟ କ୍ଷୟକ୍ଷତି ହୋଇଥିଲା । ଏହି ପ୍ରାକୃତିକ ବିପତ୍ତିକୁ ମୁକାବିଲା କରିବାରେ ରାଷ୍ଟ୍ରପତି ମାଜନ୍ ବିଫଳ ହୋଇଥିବା ଦର୍ଶାଇ ତାଙ୍କ ବିରୁଦ୍ଧରେ ଜନଆକ୍ରୋଶ ବୃଦ୍ଧି ପାଉଥିଲା । ବନ୍ୟା ବିପନ୍ନ ଏବଂ ସେମାନଙ୍କର ଘରଦ୍ୱାର ଓ ଗାଡ଼ି ମଟର ଭାସିଯାଉଥିବା ବେଳେ ରାଷ୍ଟ୍ରପତି ମାଜନ୍ ଜନୈକ ସାମ୍ବାଦିକଙ୍କ ସହ ତିନି ଘଣ୍ଟାରୁ ଊର୍ଦ୍ଧ୍ୱକାଳ ମଧ୍ୟାହ୍ନ ଭୋଜନରେ ବିତାଉଥିବାର ତାଙ୍କ ବିରୁଦ୍ଧରେ ଅଭିଯୋଗ ହୋଇ ଆସୁଥିଲା ।

## ଆଫ୍‌ଗାନ୍-କ୍ୱେକ୍

ଉତ୍ତର ଆଫ୍‌ଗାନିସ୍ତାନରେ ଏକ ଶକ୍ତିଶାଳୀ ଭୂକମ୍ପରେ ୨୦ ଜଣଙ୍କର ମୃତ୍ୟୁ ହେବା ସହ ୫୦୦ରୁ ଅଧିକ ଆହତ ହୋଇଛନ୍ତି । ଆଫ୍‌ଗାନିସ୍ତାନ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଦେଇଥିବା ସୂଚନା ଅନୁଯାୟୀ ଭୂକମ୍ପର କେନ୍ଦ୍ରସ୍ଥଳ ମଜାର-ଇ-ସରିଫ୍ ସହର ନିକଟବର୍ତ୍ତୀ ଖୋଲମ୍‌ରେ ରହିଥିଲା । ଆଜି ପ୍ରତ୍ୟୁଷରୁ ହୋଇଥିବା ଏହି ଭୂକମ୍ପର ତୀବ୍ରତା ରେକ୍ଟର ସ୍କେଲ୍‌ରେ ୬ ଦଶମିକ୍ ୩ ଥିବା ଜଣାପଡ଼ିଛି । କର୍ତ୍ତୃପକ୍ଷ କହିଛନ୍ତି, ଦେଶର ଉତ୍ତର-ପଶ୍ଚିମ, କେନ୍ଦ୍ରୀୟ, ପଶ୍ଚିମ, ଉତ୍ତର, ଉତ୍ତର-ପୂର୍ବ ଏବଂ ପୂର୍ବାଞ୍ଚଳ ସମେତ ବିଭିନ୍ନ ସ୍ଥାନରେ ଭୂକମ୍ପର ପ୍ରଭାବ ଦେଖିବାକୁ ମିଳିଥିଲା । ଏହା

ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି । ଭାରତର ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର କହିଛି, ୨୩ କିଲୋମିଟର ଗଭୀରତାରେ ଏହି ଭୂକମ୍ପ କେନ୍ଦ୍ରୀଭୂତ ହୋଇଥିଲା । ଉଜ୍‌ବେକିସ୍ତାନ, ତାଜିକିସ୍ତାନ ଏବଂ ପାକିସ୍ତାନରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଛି ।

## ଗ୍ରାଣ୍ଟସ୍ ପଞ୍ଚାୟତିରାଜ

କେନ୍ଦ୍ର ସରକାର ଓଡ଼ିଶାରେ ଥିବା ଗ୍ରାମୀଣ ସ୍ଥାନୀୟ ସ୍ୱାୟତଶାସନ ସଂସ୍ଥାକୁ ପଞ୍ଚଦଶ ଅର୍ଥଆୟୋଗ ଅନୁଦାନ ରାଶି ସ୍ୱରୂପ ୪୪୪ କୋଟି ଟଙ୍କା ପ୍ରଦାନ କରିଛନ୍ତି । ପଞ୍ଚାୟତିରାଜ ମନ୍ତ୍ରଣାଳୟ ଆଜି କହିଛି, ଏ ବାବଦ ଦ୍ୱିତୀୟ କିସ୍ତି ଅଣ୍ଟାଏଡ୍‌ଗ୍ରାଣ୍ଟସ୍ ୩୪୨ କୋଟି ଟଙ୍କା ୨୦ଟି ଜିଲ୍ଲା ପଞ୍ଚାୟତ, ୨୯୬ଟି ବ୍ଲକ୍ ପଞ୍ଚାୟତ ଓ ୬ ହଜାର ଗ୍ରାମପଞ୍ଚାୟତକୁ ପ୍ରଦାନ କରାଯାଇଛି । ଏହାଛଡ଼ା ୨୦୨୫-୨୬ ଆର୍ଥିକ ବର୍ଷରେ ସ୍ଥଗିତ ଥିବା ୧ଶହ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ୨୦ଟି ଜିଲ୍ଲା ପରିଷଦ, ୨୩୩ଟି ପଞ୍ଚାୟତ ସମିତି ଓ ୪୪୯ଟି ଗ୍ରାମପଞ୍ଚାୟତକୁ ପ୍ରଦାନ କରାଯାଇଛି । ଅର୍ଥ ମନ୍ତ୍ରଣାଳୟ ପରବର୍ତ୍ତୀ ସମୟରେ ପ୍ରତ୍ୟେକ ଆର୍ଥିକ ବର୍ଷରେ ଦୁଇ କିସ୍ତିରେ ଏହି ଅନୁଦାନ ରାଶି ଯୋଗାଇଦେବେ ।

# ମାଣ୍ଡବ୍ୟ-୧୦୦ ଇୟର୍ ହକି

ହକି କ୍ରୀଡ଼ାର ଶତବାର୍ଷିକୀ ପାଳନ ଅବସରରେ ଆସନ୍ତା ୭ ତାରିଖରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମକୁ ସୂଚନା ଦେଇ ଡକ୍ଟର ମାଣ୍ଡବ୍ୟ କହିଛନ୍ତି, ଦେଶର ୫୫୦ରୁ ଊର୍ଦ୍ଧ୍ୱ ଜିଲ୍ଲାରେ ୧ ହଜାର ୪୦୦ରୁ ଅଧିକ ହକି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ । ହକି ଖେଳ ନେଇ ସଚେତନତା ସୃଷ୍ଟି ଏବଂ ଯୁବ କ୍ରୀଡ଼ାବିତ୍‌ଙ୍କୁ ଏହି ଖେଳ ପ୍ରତି ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି । ଦେଶର କ୍ରୀଡ଼ା ସଂସ୍କୃତିକୁ ମଜବୁତ କରିବା, ହକି ଇତିହାସ ସହିତ ଯୁବପିଢ଼ିଙ୍କୁ ଯୋଡ଼ିବା ଏବଂ ଭବିଷ୍ୟତ ଗଠନରେ ଯୁବପିଢ଼ିଙ୍କୁ ପ୍ରେରଣା ପ୍ରଦାନ କରିବା ଏହି ପଦକ୍ଷେପର ଅନ୍ୟତମ ଉଦ୍ଦେଶ୍ୟ ବୋଲି ଡକ୍ଟର ମାଣ୍ଡବ୍ୟ କହିଛନ୍ତି । ହକିର ଶତବାର୍ଷିକୀ ପାଳନ ଦେଶର ଜାତୀୟ ପରିଚୟ ଏବଂ ଉତ୍କର୍ଷତାର ପ୍ରତୀକ ହୋଇଥିବା ଏହି କ୍ରୀଡ଼ା ପ୍ରତି ଏକ ଶ୍ରଦ୍ଧାଞ୍ଜଳୀ ହେବ ବୋଲି ସେ କହିଛନ୍ତି ।